# ପ୍ରଚାର ଡ଼ାଏରୀ

**ତା.୨୫.୦୪.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ବାରଣାସୀରେ ନରେନ୍ଦ୍ର ମୋଦିଙ୍କର ପ୍ରାର୍ଥୀପତ୍ର ଦାଖଲ ସମୟରେ ବିପୁଳ ଜନ ସମୁଦ୍ରଙ୍କର ଯେଉଁ ଭଳି ବିରାଟ ର୍‍ୟାଲି ହୋଇଥିଲା ବାସ୍ତବରେ ତାହା ଅଦ୍ୱିତୀୟ । ଉକ୍ତ ଜନସମୂହ ସ୍ୱତଃପ୍ରବୃତ ହୋଇ ର୍‍ୟାଲିରେ ଯୋଗଦାନ କରିଥିଲେ । କିଛି ରାଜନୈତିକ କାର୍ଯ୍ୟକର୍ତ୍ତା ମାନେ ଜନତାଙ୍କୁ କଛି ସୁବିଧା ହାସଲ କରିବା ପାଇଁ ଲୋକପ୍ରିୟ ଆନ୍ଦୋଳନରେ ଯୋଗଦାନ କରିବା ପାଇଁ ପ୍ରବର୍ତ୍ତାଇ ଥାଆନ୍ତି । ହେଲେ ଯେତେବେଳେ ଏଭଳି ଜନ ସମୁଦ୍ର ଓ ଦୃଢ଼ ମନୋବଳ ନେଇ ଏକତ୍ରିତ ହୁଅନ୍ତି ସେମାନେ କେବଳ ସ୍ୱତଃପ୍ରବୃତ ହୋଇ ହିଁ ଏକତ୍ରିତ ହୋଇଥାଆନ୍ତି ।

ପ୍ରଧାନମନ୍ତ୍ରୀ ମହୋଦୟ ମୋଦିଙ୍କ ସମର୍ଥନ ଦେଖି ପ୍ରକାଶ କରନ୍ତି କି, ସେ ସମଗ୍ର ଦେଶରେ କେଉଁଠି ମଧ୍ୟ ସେ ମୋଦିଙ୍କ ପ୍ରବାହ ଦେଖି ପାରୁନାହାନ୍ତି । କିନ୍ତୁ ମୋଦି ଦେଶରେ ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ର୍‍ୟାଲିରେ ସମ୍ବୋଧନ ଦେଇସାରିଛନ୍ତି ଓ ପ୍ରତ୍ୟେକ ର୍‍ୟାଲିରେ ବିପୁଳ ପରିମାଣର ଜନତା ଏକତ୍ରିତ ହୋଇଛନ୍ତି । ବି.ଜେ.ପି ତଥା ତାହାର ସମର୍ଥକ ବିଧାନକ୍ଷେତ୍ର ମଧ୍ୟ ପ୍ରଚାର ସମୟ କାଳ ମଧ୍ୟରେ ମୋଦିଙ୍କ ନେଇ ଖୁବ ଉତ୍ସାହ ସହକାରେ ପ୍ରଭାବିତ ହୋଇଥିବାର ଲକ୍ଷ୍ୟ କରାଯାଇଛି । ମୋଦି ତାଙ୍କ ନିର୍ବାଚନ ଇସ୍ତାହାରରେ ସ୍ୱଚ୍ଛ ଶାସନକୁ ହିଁ ପ୍ରାଧାନ୍ୟତା ଦେଇଛନ୍ତି । ଉତ୍ତର ଭାରତ, କେନ୍ଦ୍ର ଭାରତ ତଥା ପଶ୍ଚିମ ଭାରତରେ ବି.ଜେ.ପି କୁ ପୂର୍ବରୁ ସମର୍ଥନ ମିଳୁଥିଲେ ହେଁ ବର୍ତ୍ତମାନ ମୋଦିଙ୍କ ପ୍ରଭାବରେ ସେଠାରେ ଆହୁରି ଅଧିକ ପରିମାଣର ସମର୍ଥନ ମିଳୁଅଛି । ହେଲେ ଖୁବ ଆଶ୍ଚର୍ଯ୍ୟକର ଭାବେ କହିବାକୁ ପଡୁଛି କି ପୂର୍ବାଞ୍ଚଳ ତଥା ଦକ୍ଷିଣ ଭାରତ ଯେଉଁଠି ବି.ଜେ.ପି ଆଦୌ ଦୃଢ଼ ନଥିଲା ସେଠାରେ ମଧ୍ୟ ଉତ୍ତୋରତ୍ତର ଉନ୍ନତି କରିବାକୁ ଲାଗୁଛି ।

ଏପରି ସ୍ଥିତିରେ ଗାନ୍ଧି ପରିବାରଙ୍କ ପ୍ରଚାର ଶୈଳୀ ମଧ୍ୟ ଖୁବ ବିଚିତ୍ର । ସେମାନେ ନିଜେ କରିଥିବା ଭଲ କାର୍ଯ୍ୟ ଉପରେ ଆଲୋକପାତ ନକରି କେବଳ ବି.ଜେ.ପି ବା ମୋଦିଙ୍କ ବିରୋଧରେ

ପ୍ରତିକୂଳ ପ୍ରଚାର ଚଳାଇଛନ୍ତି । ଯେତେବେଳେ ସମଗ୍ର ଦେଶରେ କଂଗ୍ରେସର ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ବ୍ୟକ୍ତିଙ୍କ ବିରୋଧରେ ଚର୍ଚ୍ଚା କରାଯାଏ ସେତେବେଳେ ଗାନ୍ଧି ପରିବାର କେବଳ ବି.ଜେ.ପି ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ଉପରେ ଆକ୍ରମଣ କରିଚାଲେ । ଏହା ଇତିହାସରେ ପ୍ରଥମ ଯେଉଁଠି ଶାସକ ଦଳ ନିଜ ଅପାରଗତାକୁ ଘୋଡ଼ାଇବାକୁ ଯାଇ ବିରୋଧୀ ଦଳକୁ ବାରମ୍ବାର କରି ଦୋଷାରୋପ କରିଚାଲେ । ଡଃ ମନମୋହନ ସିଂହ ମୋଦିଙ୍କ ସପକ୍ଷରେ ବହୁଥିବା ପବନକୁ ହୁଏତ ଦେଖି ପାରୁନାହାନ୍ତି ବା ଦେଖି ମଧ୍ୟ ଜାଣିଶୁଣି ନଦେଖିବାର ଅଭିନୟ କରୁଥାଇପାରନ୍ତି । ହେଲେ ବର୍ତ୍ତମାନର ନିର୍ବାଚନରେ ଜନତା ବିଶେଷ କରି ଦୁଇଟି ଜିନିଷକୁ ଦେଖୁଛନ୍ତି । ପ୍ରଥମତଃ କଂଗ୍ରେସ ସରକାରଙ୍କର କୁଶାସନ, ଭ୍ରଷ୍ଟାଚାର, ନେତୃତ୍ୱର ଅଭାବ ଓ ଦ୍ୱିତୀୟଟି ହେଉଛି ମୋଦିଙ୍କ ପାଖରେ ସେମାନେ ଏକ ନୂତନ ଆଶା ଓ ଦୃଢ଼ ନେତୃତ୍ୱ ଦେଖି ପାରୁଛନ୍ତି । ଯେ କି ତାଙ୍କ ସମସ୍ୟାର ପ୍ରକୃତ ସମାଧାନ ଦେଇ ପାରିବେ । ଯାହାକି ମୋଦିଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ନିର୍ବାଚିତ କରାଇବାରେ ନିଶ୍ଚିତ ଭାବରେ ସହାୟତା କରିବ । ଚିଦାମ୍ବରମ, ଶିବଲ, ତିୱାରୀ, ଓ ଆନନ୍ଦ ଶର୍ମା ଆଦି ନେତା ମାନେ ମନେ କରନ୍ତି କି ସେମାନେ ଏପରି ଉପାୟରେ ମୋଦିଙ୍କୁ ତ ହରାଇ ପାରିବେ ନାହିଁ ବରଂ ତାଙ୍କ ଉପରେ ଆରୋପମାନ ଲଗାଇ ଘନ ଘନ ଆକ୍ରମଣ କରିବେ ।

**ପଞ୍ଜାବରେ ମୋଦି**

ଆଜି ନରେନ୍ଦ୍ର ମୋଦି ପଞ୍ଜାବରେ ପାଞ୍ଚୋଟି ର୍ୟାଲିରେ ଜନତାଙ୍କୁ ସମ୍ବୋଧନ କରିଛନ୍ତି । ସେ ଗୁରଦାସପୁର, ବାଥିନ୍ଦା, ହୋଶିଆରପୁର, ଲୁଧିଆନା ଓ ଅମୃତସର ବିଧାନ କ୍ଷେତ୍ରକୁ ମଧ୍ୟ ପ୍ରଚାର ପାଇଁ ଯାଇଥିଲେ । ପଞ୍ଜାବ ମଧ୍ୟ ଖୁବ ଆଙ୍କାକ୍ଷିତ ହୋଇ ପ୍ରବାହର ଦିଶା ପରିବର୍ତ୍ତନ କରିବା ଭଳି ନେତା ନରେନ୍ଦ୍ର ମୋଦିଙ୍କୁ ପ୍ରତୀକ୍ଷା କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।